# Telephone conversation between PM and Prime Minister of Canada

April 29, 2020

---

# ପ୍ରଧାନମନ୍ତ୍ରୀ ଏବଂ କାନାଡାର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ଏପ୍ରିଲ୍ 29, 2020

ପ୍ରଧାନମନ୍ତ୍ରୀ ଆଜି ଫୋନରେ କାନାଡାର ପ୍ରଧାନମନ୍ତ୍ରୀ ମାନ୍ୟବର ଜଷ୍ଟିନ ଟ୍ରୁଡୋଙ୍କ ସହିତ କଥାବାର୍ତ୍ତା କରିଛନ୍ତି।

ଦୁଇ ଜଣ ନେତା COVID-19 ମହାମାରୀ ସମ୍ବନ୍ଧରେ ବିଶ୍ୱବ୍ୟାପୀ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ସେମାନେ ବିଶ୍ୱର ଏକତା ଏବଂ ସମନ୍ୱୟ, ଯୋଗାଣ ଶୃଙ୍ଖଳାର ରକ୍ଷଣାବେକ୍ଷଣ ଏବଂ ସହଯୋଗୀ ଅନୁସନ୍ଧାନ କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ସହମତ ହୋଇଥିଲେ।

ପ୍ରଧାନମନ୍ତ୍ରୀ କାନାଡାରେ ଉପସ୍ଥିତ ଭାରତୀୟ ନାଗରିକମାନଙ୍କୁ, ବିଶେଷ କରି ଭାରତୀୟ ଛାତ୍ରମାନଙ୍କୁ ଦିଆଯାଇଥିବା ସହାୟତା ଏବଂ ସାହାଯ୍ୟ ପାଇଁ କାନାଡାର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଟ୍ରୁଡୋ ଭାରତରେ କାନାଡାର ନାଗରିକମାନଙ୍କ ପାଇଁ ଭାରତ ସରକାର ଦେଇଥିବା ସହାୟତାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇ ନିଶ୍ଚିତ କରିଛନ୍ତି ଯେ ଫାର୍ମାସେଟିକାଲ୍ କ୍ଷେତ୍ରରେ ଭାରତର ଉତ୍ପାଦନ କ୍ଷମତା ଭାରତର ସର୍ବୋତ୍ତମ ଦକ୍ଷତା ସହିତ କାନାଡା ସହିତ ବିଶ୍ୱର ନାଗରିକମାନଙ୍କୁ ସହାୟତା କରିବା ପାଇଁ ଉପଲବ୍ଧ ରହିବ।

ଭାରତ କାନାଡା ସହଭାଗୀତା ହୋଇ ମହାମାରୀ ସହିତ ଲଢିବା ପାଇଁ  ବିଶେଷ ଭାବରେ COVID-19 ର ଏକ ଟିକା କିମ୍ବା ଚିକିତ୍ସା ସମାଧାନ ଖୋଜିବା ଲକ୍ଷ୍ୟରେ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ମାଧ୍ୟମରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରେ ବୋଲି ଏହି ଦୁଇ ନେତା ସହମତ ହୋଇଥିଲେ।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 28, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.